# NATIONAL NEWS BULLETIN (ODIA)

**27 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଜାରି ରହିଛି ପଞ୍ଚମ ଜାତୀୟ ମୁଖ୍ୟଶାସନ ସଚିବ ସମ୍ମିଳନୀ
- ଇଣ୍ଡିଗୋ ବିମାନ ଚଳାଚଳ ବାଧାପ୍ରାପ୍ତ ସଂପର୍କିତ ତଦନ୍ତ ରିପୋର୍ଟ ଦାଖଲ କଲା ଡିଜିସିଏ
- ଦେଶବ୍ୟାପୀ ପାଳନ କରାଯାଉଛି ଗୁରୁ ଗୋବିନ୍ଦସିଂ ଜୀଙ୍କ ପ୍ରକାଶ ପରବ
- ଥାଇଲ୍ୟାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିନାମା ସ୍ୱାକ୍ଷରିତ

ଏବଂ

- ଚଳିତ ଆସେସ୍ ସିରିଜ୍‌ର ଚତୁର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୪ ୱିକେଟ୍‌ରେ ପରାସ୍ତ କଲା ଇଂଲଣ୍ଡ

# ପିଏମ୍-ଚିଫ୍ ସେକ୍ରେଟେରିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ପଞ୍ଚମ ଜାତୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀ ଜାରି ରହିଛି । ଏହି ତିନିଦିନିଆ ସମ୍ମିଳନୀ ଜାତୀୟ ବିକାଶକୁ ପ୍ରାଥମିକତା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସମନ୍ୱିତ ସହଯୋଗକୁ ଅଧିକ ସୁଦୃଢ଼ କରିବାରେ

ଏହି ସମ୍ମିଳନୀ ଏକ ଦୃଢ଼ ମଞ୍ଚ ପ୍ରଦାନ କରିବ । ଦେଶର ମାନବ ସମ୍ବଳ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ସହ ଅନ୍ତର୍ଭୁକ୍ତି, ଭବିଷ୍ୟତ ପାଇଁ ପ୍ରସ୍ତୁତି ଅଭିବୃଦ୍ଧି ସଂକ୍ରାନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ଏକୀକୃତ ଚିଠା ପ୍ରସ୍ତୁତ କରିବାରେ ଏହି ମଞ୍ଚ ଉପଯୋଗୀ ସାବ୍ୟସ୍ତ ହେବ ।

ସହଯୋଗମୂଳକ ସଂଘୀୟ ଦୃଷ୍ଟିକୋଣକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ବୋଲି କୁହାଯାଇଛି । ବିକଶିତ ଭାରତ ପାଇଁ ମାନବ ସମ୍ବଳ ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯିବ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ ପଦକ୍ଷେପ ଗୁଡ଼ିକ ସଂପର୍କରେ ଅନ୍ୟମାନଙ୍କୁ ଅବଗତ କରାଯିବା ସହ ଏହାକୁ ଆପଣାଇବାରେ ମାର୍ଗଦର୍ଶନ ଉପରେ ସମ୍ମିଳନୀରେ ମତ ବିନିମୟ ହେବ ।

ଚଳିତବର୍ଷ ୫ଟି ପ୍ରମୁଖ କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ଧ୍ୟାନ କେନ୍ଦ୍ରୀଭୂତ ରହିଛି । ସେଗୁଡ଼ିକ ହେଉଛି ପ୍ରାରମ୍ଭିକ ଶୈଶବ ଶିକ୍ଷା, ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ର । ସମ୍ମିଳନୀ ଅବସରରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ୬ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟସଚିବ, ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଅଂଶ ଗ୍ରହର କରୁଛନ୍ତି । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ମଧ୍ୟ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିବେ ।

---

## ଡିଜିସିଏ ରିପୋର୍ଟ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ଯୁଗ୍ମ ମହାନିର୍ଦ୍ଦେଶକ ସଂଜୟ କେ. ବ୍ରାହ୍ମଣେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଇଣ୍ଡିଗୋ ବିମାନ ଚଳାଚଳ

ବାଧାପ୍ରାପ୍ତ ଆଧାରିତ ତଦନ୍ତ ରିପୋର୍ଟ ଦାଖଲ କରିଛି। ଦେଶବ୍ୟାପୀ ବ୍ୟାପକ ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ପରିସ୍ଥିତିର ସମୀକ୍ଷା ଏବଂ ଯାଞ୍ଚ କରିବା ଲକ୍ଷ୍ୟ ନେଇ ଗତ ୫ ତାରିଖରେ ଏହି କମିଟି ଗଠନ କରାଯାଇଥିଲା । କମିଟି ଏହାର ରିପୋର୍ଟ ଗତ ସନ୍ଧ୍ୟାରେ ଦାଖଲ କରିଛି । ଶ୍ରୀ ବ୍ରାହ୍ମଣେଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ୪ ଜଣିଆ କମିଟିକୁ ଇଣ୍ଡିଗୋ ବିମାନସେବା ପ୍ରଦାନକାରୀ କମ୍ପାନୀର ମାନବ ସମ୍ବଳ ଉପଯୋଗ ଯୋଜନା, କାର୍ଯ୍ୟନିର୍ଘଣ୍ଟ ବ୍ୟବସ୍ଥା ଏବଂ ସେବା ପ୍ରଦାନ ନେଇ ବିଭିନ୍ନ ପରିସ୍ଥିତିର ଯାଞ୍ଚ କରିବା ପାଇଁ  ଦାୟିତ୍ୱ ଅର୍ପଣ କରାଯାଇଥିଲା ।

## ପ୍ରେଜ୍-ପିଏମ୍ : ଗୁରୁ ଗୋବିନ୍ଦ

ଶିଖ୍ ସଂପ୍ରଦାୟର ଦଶମ ତଥା ଶେଷ ଗୁରୁ' ଗୁରୁ ଗୋବିନ୍ଦ ସିଂ ଜୀଙ୍କ ୩୫୯ତମ ଜନ୍ମବାର୍ଷିକୀ ତଥା ପ୍ରକାଶ ପରବ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ଏହି ଅବସରରେ ସ୍ୱତନ୍ତ୍ର ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଗୁରୁ ଗୋବିନ୍ଦ ସିଂଜୀଙ୍କର ଅଦମ୍ୟ ସାହସ ଏବଂ ବୁଦ୍ଧିମତ୍ତା ଲୋକଙ୍କୁ ଧାର୍ମିକ ଭାବନାର ସହ ବଞ୍ଚିବାକୁ ପ୍ରେରଣା ପ୍ରଦାନ କରିଛି । ନିଜ ଅନୁଗାମୀଙ୍କୁ ଗୁରୁଜୀ ନ୍ୟାୟ ଏବଂ ସ୍ୱାଭିମାନର ଆଦର୍ଶକୁ ରକ୍ଷା କରିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରୁଥିଲେ ବୋଲି ରାଷ୍ଟ୍ରପତି କହିଚନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ପ୍ରକାଶପର୍ବ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଗୁରୁ ଗୋବିନ୍ଦସିଂଜୀଙ୍କ ସତ୍ୟ, ନ୍ୟାୟ,

ଧାର୍ମିକ ଭାବନା ଏବଂ ନିର୍ଭୀକତା ନମ୍ରତା  ଭବିଷ୍ୟତ ପିଢ଼ିକୁ ପ୍ରେରଣା ପ୍ରଦାନ କରୁଛି । ଗୁରୁଜୀଙ୍କ ଶିକ୍ଷା ସମାଜରେ ସମାନତା, ନିଃସ୍ୱାର୍ଥପର ସେବା ଏବଂ କଲ୍ୟାଣର ମାର୍ଗ ଦର୍ଶନ କରୁଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ସାହସ, କରୁଣା ଏବଂ ବଳିଦାନର ଏକ ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ଗୁରୁ ଗୋବିନ୍ଦ ସିଂ । ତାଙ୍କ ସେବା ଏବଂ ନିଶ୍ୱାର୍ଥପର କର୍ତ୍ତବ୍ୟ ପରବର୍ତ୍ତୀ ପିଢ଼ିକୁ ମାର୍ଗଦର୍ଶନ କରିଆସିଛି । ଏହି ଅବସରରେ ଶ୍ରୀ ମୋଦୀ ଚଳିତବର୍ଷ ଆରମ୍ଭରେ ଶିଖ୍ ସଂପ୍ରଦାୟଙ୍କ ପବିତ୍ର ତୀର୍ଥସ୍ଥଳ ତଥା ଗୁରୁଜୀଙ୍କ ଜନ୍ମସ୍ଥାନ ତଖତ ଶ୍ରୀହରମନ୍ଦିରଜୀ ପାଟନା ସାହିବକୁ ତାଙ୍କ ଗସ୍ତର ସ୍ମୃତି ଉପରେ ଅବତାରଣା କରିଛନ୍ତି ।

---

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ୧୨୯ ତମ ମନ କି ବାତ୍ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

---

# ଥାଇଲ୍ୟାଣ୍ଡ-କମ୍ବୋଡ଼ିଆ ସିସ୍‌ଫାୟାର

ଥାଇଲ୍ୟାଣ୍ଡ ଓ କାମ୍ବୋଡ଼ିଆ ସେମାନଙ୍କର ବିବାଦୀୟ  ସୀମାରେ ଯୁଦ୍ଧ ବିରତି ନେଇ ସହମତ ହୋଇଛନ୍ତି। ଥାଇଲ୍ୟାଣ୍ଡର ଚାନ୍‌ଥାବରୀ ପ୍ରଦେଶର ଏକ ସୀମାବର୍ତ୍ତୀ ଚେକ୍ ପଏଣ୍ଟ୍‌ରେ ଉଭୟ ଦେଶ ଯୁଦ୍ଧବିରତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି  । ଥାଇଲ୍ୟାଣ୍ଡର ପ୍ରତିରକ୍ଷାମନ୍ତ୍ରୀ ନାଥାପୋଲ୍ ନାକ୍‌ପାଲିଚ ଏବଂ କାମ୍ବୋଡ଼ିଆର ଉପ-ପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ଟି.ସେୟିହା ଏହି ଚୁକ୍ତିନାମାରେ ଦସ୍ତଖତ କରିଛନ୍ତି । ଉଭୟପକ୍ଷ ସେମାନଙ୍କର ସୀମା କମିଟିର ଏକ ସ୍ୱତନ୍ତ୍ର ବୈଠକ ଅବସରରେ ମିଳିତ ବିବୃତିରେ ଏହା ଘୋଷଣା କରିଛନ୍ତି ।

ଗତ ଜୁଲାଇମାସରେ ଯୁଦ୍ଧବିରତି ଉଲ୍ଲଂଘନ ହେବା ପରେ ଚଳିତମାସ ଆରମ୍ଭରେ ଦୁଇଦେଶ ମଧ୍ୟରେ ସଂଘର୍ଷ ଅଧିକ ତୀବ୍ର ହୋଇଥିଲା । ଉଭୟ ଦେଶର ସୀମାନ୍ତ ଅନ୍ତର୍ଗତ ଡାଙ୍ଗରେକ୍ ପର୍ବତମାଳା ନିକଟରେ ଦୁଇଦେଶ ମଧ୍ୟରେ ସଂଘର୍ଷ ହେବା ସହ ପ୍ରିଆହଭିହେ ନିକଟବର୍ତ୍ତୀ ଅଞ୍ଚଳ ଉପରେ ଏହା ବେଶୀ କେନ୍ଦ୍ରୀଭୂତ ହୋଇଥିଲା । ଏହି ମନ୍ଦିର କାମ୍ବୋଡ଼ିଆର ଏବଂ ଆଖପାଖ ଜମି ଦାବି ନେଇ ସମାଧାନ ହୋଇ ନଥିବା ପ୍ରସଙ୍ଗ ୧୯୬୨ ମସିହାରେ ଆନ୍ତର୍ଜାତିକ ନ୍ୟାୟାଳୟ ପ୍ରଦାନ କରିଥିବା ରାୟରେ ଉଲ୍ଲେଖ ରହିଛି । ଏହି ସଂଘର୍ଷ ଯୋଗୁଁ ଉଭୟ ଦେଶର ସୀମାବର୍ତ୍ତୀ ଅଞ୍ଚଳର ବହୁ ନାଗରିକ ବିସ୍ଥାପିତ ହୋଇଛନ୍ତି । ସେହି ଅଞ୍ଚଳରେ ସ୍ଥିରତା ବଜାୟ ରଖିବା ସହ ସଂଯମତା ଆଚରଣ ଏବଂ ଆଲୋଚନା ମାଧ୍ୟମରେ ସମାଧାନ ଉପରେ ଆସିଆନ୍ ରାଷ୍ଟ୍ର ଗୋଷ୍ଠୀ ପରାମର୍ଶ ଦେଇଥିଲା ।

# ଡବ୍ଲୁବି-ଏସ୍ଆଇଆର୍

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-ଏସ୍ଆଇଆର୍ ର ଆଜି ଶୁଣାଣି ଆରମ୍ଭ ହୋଇଛି। ସମଗ୍ର ରାଜ୍ୟରେ ଏଥିପାଇଁ ମୋଟ୍ ୩ ହଜାର ୨୩୪ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ, ୨୦୦୨ ଭୋଟର ତାଲିକ ଆଧାରରେ ଚଳିତ ସଂଶୋଧନ ପ୍ରକ୍ରିୟାରେ ତାଲିକାରେ ସଂଶ୍ଳିଷ୍ଟ ନଥିବା ୩୨ ଲକ୍ଷ ଭୋଟରଙ୍କର ଶୁଣାଣି କରାଯିବ  ବୋଲି ରାଜ୍ୟ ବିଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ କହିଛନ୍ତି। ସେ କହିଛନ୍ତି, ଶୁଣାଣି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ୪ ହଜାର ୫୦୦ରୁ ଅଧିକ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। କ୍ଷମତାପ୍ରାପ୍ତ କର୍ମଚାରୀ ବା ଅଧିକାରୀଙ୍କ ବ୍ୟତୀତ ଶୁଣାରି କେନ୍ଦ୍ର ମଧ୍ୟକୁ ଅନ୍ୟ କାହାକୁ ପ୍ରବେଶ ଅନୁମତି ପ୍ରଦାନ କରାଯାଇ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରତ୍ୟେକ ଶୁଣାଣି କେନ୍ଦ୍ରର ଭିଡ଼ିଓ ତଥ୍ୟ ସଂଗ୍ରହ କରାଯିବ । ଆଧାରକାର୍ଡ ସମେତ ୧୨ଟି ସ୍ୱୀକୃତିପ୍ରାପ୍ତ ତଥ୍ୟ ମଧ୍ୟରୁ ଯେକୌଣସି ଗୋଟିକୁ ଶୁଣାଣି ସମୟରେ ଦାଖଲ କରିବାକୁ ଭୋଟରଙ୍କୁ ପରାମର୍ଶ ଦିଆଯାଇଛି। ନକଲି କିମ୍ବା ଜାଲ୍ ତଥ୍ୟ ଉପସ୍ଥାପନକୁ ଦଣ୍ଡନିୟ ଅପରାଧ ଭାବେ ବିବେଚନା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଅଗ୍ରୱାଲ ସତର୍କ କରାଇଛନ୍ତି ।

---

# ବୈଷ୍ଣବ-ଇଲେକ୍ଟ୍ରୋନିକ୍ସ

ଇଲେକ୍ଟ୍ରୋନିକ୍ସ ରପ୍ତାନୀ କ୍ଷେତ୍ରରେ ଭାରତ’ ବିଶ୍ୱରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି ବୋଲି ଇଲେକ୍ଟ୍ରୋନିକ୍ସ, ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ପୂର୍ବରୁ ଭାରତ ସପ୍ତମ ସ୍ଥାନରେ

ରହିଥିଲା । ଭାରତ' ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ୍ ଉତ୍ପାଦନକାରୀ ଦେଶ ହୋଇଛି ।

ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଦେଶର ଅଭିବୃଦ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟାପକ ଇକୋ ସିଷ୍ଟମ୍ ବିକାଶ ଦୃଷ୍ଟିକୋଣ ଆଧାର ଉପରେ ପର୍ଯ୍ୟବସିତ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ପିଏଲ୍ଆଇ ଯୋଜନା ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ବ୍ୟାପକତାକୁ ବୃଦ୍ଧି କରିବା ସହ ଏ କ୍ଷେତ୍ରରେ ୧୩ ହଜାର ୪୭୫ କୋଟି ଟଙ୍କାର ନିବେଶ ବୃଦ୍ଧି ପାଇଛି । ୯ ଲକ୍ଷ ୮୦ ହଜାର କୋଟି ଟଙ୍କାର ଉତ୍ପାଦ ହୋଇଥିବା ବେଳେ ଗତବର୍ଷ ୫ ବର୍ଷ ମଧ୍ୟରେ ୧ ଲକ୍ଷ ୩୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଇଲେକ୍ଟ୍ରୋନିକ୍ସ ଉପକରଣ ପ୍ରସ୍ତୁତି ଯୋଜନା ଦେଶରେ ପରିବର୍ତ୍ତନକୁ ସମର୍ଥନ କରିବା ସହ ନିବେଶ ପ୍ରତିବଦ୍ଧତା ଏବଂ ଶିଳ୍ପ ଆତ୍ମବିଶ୍ୱାସକୁ ପ୍ରତିଫଳନ କରୁଛି ।

ଏପର୍ଯ୍ୟନ୍ତ ୧୦ଟି ସେମିକଣ୍ଡକ୍ଟର ୟୁନିଟ୍ ମଂଜୁର କରାଯାଇଛି । ଇଲେକ୍ଟ୍ରୋନିକ୍ସ ଉପକରଣ ପ୍ରସ୍ତୁତି କ୍ଷେତ୍ରରେ ଗତ ଦଶନ୍ଧିରେ ୨୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଦେଶର ତୃଣମୂଳ ସ୍ତରରେ ଅର୍ଥନୈତିକ ଅଭିବୃଦ୍ଧିକୁ ଏହା ଗତିଶୀଳ କରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଦେଶରେ ଉତ୍ପାଦ ବୃଦ୍ଧି ପାଇବା ସହ ରପ୍ତାନୀ କ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହେଉଛି ।

## ଆସେସ୍ ସିରିଜ୍

ଚଳିତ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆସେସ୍ ସିରିଜର ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଛି । ଅଷ୍ଟ୍ରେଲିଆରେ ମେଲ୍‌ବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ

ଖେଳାଯାଇଥିବା ଏହି ମ୍ୟାଚ୍‌ର ବକ୍ସିଂ ଡେ  ରେ ଇଂଲଣ୍ଡ’ ଅଷ୍ଟ୍ରେଲିଆକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଦୀର୍ଘ ୧୫ ବର୍ଷ ଏବଂ ୧୮ଟି ମ୍ୟାଚ୍‌ର ପ୍ରତୀକ୍ଷା ପରେ ଇଂଲଣ୍ଡ’ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ୍ ବିଜୟୀ ହୋଇଛି । ଏହି ଟେଷ୍ଟ୍‌ରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୫୨ ଏବଂ ଦ୍ୱିତୀୟ ଇନିଂସରେ ୧୩୨ ରନ୍ ସଂଗ୍ରହ କରିଥିଲା । ଇଂଲଣ୍ଡ ତା’ର ପ୍ରଥମ ଇନିଂସରେ ୧୧୦ ରନ୍ ସଂଗ୍ରହ କରିଥିଲେ ମଧ୍ୟ ଦ୍ୱିତୀୟ ଇନିଂସ୍‌ରେ ୧୭୫ ରନ୍‌ର ବିଜୟ ଲକ୍ଷ୍ୟକୁ ହାସଲ କରିପାରିଥିଲା । ଚଳିତ ଆସେସ୍ ସିରିଜ୍‌ର ୫ଟି ଟେଷ୍ଟ ମଧ୍ୟରୁ ପର୍ଥ୍, ବ୍ରିସ୍‌ବେନ୍ ଏବଂ ଆଡିଲେଡ୍‌ରେ ଇଂଲଣ୍ଡ ପରାସ୍ତ ହୋଇଥିବା ବେଳେ ପଞ୍ଚମ  ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ମାସ ୪ ତାରିଖରେ ସିଡ୍‌ନୀରେ ଖେଳାଯିବ ।